# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 04th June – 2026

***********************************

## ମୁଖ୍ୟ ସମ୍ବାଦ

- ବ୍ରିକ୍ସ ରାଷ୍ଟ୍ରସମୂହ ବୈଠକରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଧିକ ବିଶ୍ୱସ୍ତରୀୟ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ।

- ପୁରୀର ତାଳବଣିଆଠାରେ ୧୯୫ କୋଟି ଟଙ୍କା ମୂଲ୍ୟର ପୁଲିସ ଭିତ୍ତିଭୂମିର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ ।

— ପୁଲିସ ବାହିନୀକୁ ଅଧିକ ସତର୍କ ଓ ସମ୍ବେଦନଶୀଳ ହେବାକୁ ଦେଲେ ପରାମର୍ଶ ।

- ବି.ଜେ.ପି. ପକ୍ଷରୁ ଦେବାଶିଷ ସାମନ୍ତରାୟ ହେଲେ ରାଜ୍ୟସଭା ପ୍ରାର୍ଥୀ ।

ଏବଂ

- କେରଳମ୍ ପ୍ରବେଶ କଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ; ଖୁବ୍‌ଶୀଘ୍ର ମୌସୁମୀ ଓଡ଼ିଶା ସ୍ପର୍ଶ କରିବା ନେଇ ପାଣିପାଗ ବିଭାଗର ଆକଳନ ।

***Desk***

# ବ୍ରିକ୍ସ ସମ୍ମିଳନୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପୁରୀରେ ବିପର୍ଯ୍ୟୟ ପରିଚାଳନା ବିପଦ ହ୍ରାସ ନେଇ ବ୍ରିକ୍ସ ରାଷ୍ଟ୍ରସମୂହର ବୈଠକକୁ ଉଦ୍‌ଘାଟନ କରିଛନ୍ତି । ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଧିକ ବିଶ୍ୱସ୍ତରୀୟ ଏବଂ ଆନ୍ତଃ ରାଜ୍ୟସ୍ତରୀୟ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଶ୍ରୀ ମାଝୀ’ ବିପର୍ଯ୍ୟୟ ପ୍ରତିରୋଧ, ଜଳବାୟୁ ଅନୁକୂଳ ଏବଂ ସ୍ଥାୟୀ ବିକାଶ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଜୀବନ-ଜୀବିକା ଏବଂ ଆଗାମୀ ପିଢ଼ିକୁ ସୁରକ୍ଷିତ ରଖିବାପାଇଁ ଏ କ୍ଷେତ୍ରରେ ଅନ୍ତର୍ଜାତୀୟ ସମୁଦାୟ ଅଧିକ ପ୍ରାଥମିକତା ଦେବା ଆବଶ୍ୟକ । ବର୍ତ୍ତମାନ ସମୟରେ ବିପର୍ଯ୍ୟୟ ଆଶଙ୍କା କେବଳ ଏକ ସ୍ୱତନ୍ତ୍ର ସୀମାବଦ୍ଧ ବିଷୟ ହୋଇ ରହି ନାହିଁ, ଏହା ସ୍ଥାୟୀ ବିକାଶ, ଅର୍ଥନୈତିକ ସ୍ଥିରତା ଏବଂ ସୁରକ୍ଷାର ମୂଳଦୁଆ ପାଲଟିଛି । ମୁଖ୍ୟମନ୍ତ୍ରୀ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ୍ ନେଇ ଆଲୋଚନା କରିଛନ୍ତି । ଶ୍ରୀ ମାଝୀ କହିଛନ୍ତି, ପୂର୍ବ ପ୍ରସ୍ତୁତି, ସଂସ୍ଥାଗତ ଦୃଢ଼ତା ଏବଂ ଗୋଷ୍ଠୀ ସହଭାଗିତା ଜରିଆରେ ବିପର୍ଯ୍ୟୟର ପ୍ରଭାବକୁ ଯଥେଷ୍ଟ ହ୍ରାସ କରାଯାଇପାରିବ । ଆଗାମୀ ଦିନର ଆହ୍ୱାନଗୁଡ଼ିକ ପାଇଁ ଅଧିକ ପ୍ରୟାସ, ସୁଦୃଢ଼ ସହଭାଗିତା ଏବଂ ଉନ୍ନତ ବୈଷୟିକ କ୍ଷମତାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Voice (CM)*** :.....

ସୂଚନା ଅନୁସାରେ ଆସନ୍ତାକାଲି ବ୍ରିକ୍ସ ବୈଠକ ଉଦ୍‌ଯାପିତ ହେଉଛି ।

***Puri/R***

# ମୁଖ୍ୟମନ୍ତ୍ରୀ - ଥାନା ଉଦ୍‌ଘାଟନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ’ ପୁରୀ ତାଳବଣିଆର ଏକ ଅତ୍ୟାଧୁନିକ ନୂତନ ଥାନାଗୃହ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ନବନିର୍ମିତ ପୁଲିସ ଭିତ୍ତିଭୂମିର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା, ସୁରକ୍ଷା ଏବଂ ପ୍ରତ୍ୟେକ ନାଗରିକଙ୍କ କଲ୍ୟାଣ ସୁନିଶ୍ଚିତ କରିବାକୁ ସରକାର ଅହରହ ଉଦ୍ୟମ ଜାରି ରଖିଛନ୍ତି । କୌଣସି ପ୍ରଗତିଶୀଳ ଏବଂ ସମୃଦ୍ଧ ସମାଜର ମୂଳଦୁଆ ହେଉଛି ଏକ ସୁଦୃଢ଼ ଆଇନ ଶୃଙ୍ଖଳା ଭୟମୁକ୍ତ ପରିବେଶ । ଓଡ଼ିଶାକୁ ଦେଶରେ ଏକ ଶାନ୍ତିପୂର୍ଣ୍ଣ ରାଜ୍ୟ ଭାବେ ଗଢ଼ିତୋଳିବାପାଇଁ ପୁଲିସ ବାହିନୀର ସଶକ୍ତୀକରଣ, ଆଧୁନିକୀକରଣ ଏବଂ ଉପଯୁକ୍ତ ଭିତ୍ତିଭୂମିର ବିକାଶ ଅତ୍ୟନ୍ତ ଅପରିହାର୍ଯ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶ୍ରୀ ମାଝି କହିଛନ୍ତି, ସରକାର ପୁଲିସ ଭିତ୍ତିଭୂମିରେ ଉନ୍ନତି ଆଣିବା ସହ ଆଇନର ଶାସନ ପ୍ରତିଷ୍ଠାପାଇଁ ତତ୍ପରତା ସହ କାର୍ଯ୍ୟ କରୁଛନ୍ତି । ନୂତନ ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ପରଠାରୁ ଗତବର୍ଷ ଡିସେମ୍ବର ସୁଦ୍ଧା ରାଜ୍ୟରେ ଦୋଷୀ ସାବ୍ୟସ୍ତ ହାର ୮୭ ଦଶମିକ ୬ ପ୍ରତିଶତକୁ ବୃଦ୍ଧି ପାଇଛି । ମୁଖ୍ୟମନ୍ତ୍ରୀ ପୁଲିସ ବାହିନୀକୁ ଆହୁରି ସତର୍କ ଓ ସମ୍ବେଦନଶୀଳ ହେବାକୁ ପରାମର୍ଶ ଦେବା ସହ ସେମାନଙ୍କ ଉପଯୁକ୍ତ

ତାଲିମ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୯୫ କୋଟି ଟଙ୍କାର ପୁଲିସ ଭିତ୍ତିଭୂମିର ଲୋକାର୍ପଣ କରିଛନ୍ତି ।

***Desk***

# ବନାନ ଅପଭ୍ରଂଶ

ରାଜ୍ୟର ବିଭିନ୍ନ ସ୍ଥାନର ଅପଭ୍ରଂଶ ନାମ ଓ ଇଂରାଜୀ ବନାନ ବଦଳିବା ନେଇ ରାଜସ୍ୱ ବିଭାଗ ପକ୍ଷରୁ ଓଡ଼ିଆ ଭାଷା ପ୍ରତିଷ୍ଠାନକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି । ପଦ୍ମଭୂଷଣ ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଚାର ଆଲୋଚନା ପରେ ଗବେଷଣାତ୍ମକ ବ୍ୟାଖ୍ୟା ପୂର୍ବକ ସଠିକ୍ ଇଂରାଜୀ ବନାନ ଉପରେ ଯୁକ୍ତିଯୁକ୍ତ ପ୍ରସ୍ତାବନା ସହିତ ସର୍ବସମ୍ମତିକ୍ରମେ ଏହା ଗୃହୀତ ହୋଇଛି । କମିଟିର ଗୃହୀତ ପ୍ରସ୍ତାବକୁ ସର୍ବସାଧାରଣ ଅବଗତି ନିମନ୍ତେ ପ୍ରକାଶପାଇଁ ପାରିତ କରାଯାଇଛି ।

***Desk***

# ବିଜେପି ସରକାରଙ୍କୁ ଦୁଇ ବର୍ଷ ପୂର୍ତ୍ତି

ରାଜ୍ୟରେ ବିଜେପି ସରକାରର ଗଠନ ନିଷ୍ପତ୍ତିକୁ ଆଜି ଦୁଇ ବର୍ଷ ପୂରଣ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ

କରି କହିଛନ୍ତି, ଦୁଇ ବର୍ଷ ପୂର୍ବେ ଆଜିର ଦିନରେ ଭାରତୀୟ ଜନତା ପାର୍ଟିଙ୍କୁ ଏକ ଐତିହାସକ ଓ ସ୍ପଷ୍ଟ ଜନମତ ପ୍ରଦାନ କରି ଓଡ଼ିଶାବାସୀ ପରିବର୍ତ୍ତନର ସଂକଳ୍ପ ଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସେବା, ସୁଶାସନ ଓ ଗରିବ କଲ୍ୟାଣ ଆଦର୍ଶରେ ଅନୁପ୍ରାଣିତ ହୋଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି। ଆସନ୍ତା ୨୦ ତାରିଖରେ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ରାଇରଙ୍ଗପୁରଠାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

***Puri/R***

## ଶ୍ରୀମନ୍ଦିର ବୈଠକ

ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତାକାଲି ପୂର୍ବାହ୍ନରେ ଅନୁଷ୍ଠିତ ହେବ । ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ପୂର୍ବ ବୈଠକର ବିବରଣୀ ଅନୁମୋଦନ ସହ ଶ୍ରୀଜିଉଙ୍କ ସ୍ନାନଯାତ୍ରା, ରଥଯାତ୍ରା ଓ ବାହୁଡ଼ାଯାତ୍ରା ନିମନ୍ତେ ନୀତିନିର୍ଘଣ୍ଟ ଓ ବ୍ୟବସ୍ଥାବଳୀକୁ ମଞ୍ଜୁରି ପ୍ରଦାନ କରାଯିବ । ବୈଠକରେ ପ୍ରକଳ୍ପ ସାଂସ୍କୃତିକ, ବୈଷୟିକ ସବ୍‌କମିଟି ବୈଠକର ବିବରଣୀ ଅନୁମୋଦନ ସହ ଶ୍ରୀମନ୍ଦିର ସୁରକ୍ଷା ସବ୍‌କମିଟି ବୈଠକ ବିବରଣୀ ଉପରେ ଆଲୋଚନା କରାଯିବ । ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ଜିଲ୍ଲାପାଳ,

ଆରକ୍ଷୀ ଅଧୀକ୍ଷକ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ପରିଚାଳନା କମିଟି ସଦସ୍ୟମାନେ ଯୋଗଦେବେ ।

***Desk***

## ରାଜ୍ୟସଭା

ବି.ଜେ.ପି. ପକ୍ଷରୁ ଦେବାଶିଷ ସାମନ୍ତରାୟଙ୍କୁ ରାଜ୍ୟସଭା ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି । ଏନେଇ ବି.ଜେ.ପି. କେନ୍ଦ୍ରୀୟ ନିର୍ବାଚନ କମିଟି ପକ୍ଷରୁ ବିଧିବଦ୍ଧ ଭାବେ ନିଷ୍ପତ୍ତି ନିଆଯାଇଛି । ସୂଚନା ଅନୁସାରେ ଶ୍ରୀ ସାମନ୍ତରାୟଙ୍କ ଇସ୍ତଫା ପରେ ଓଡ଼ିଶା ପାଇଁ ଗୋଟିଏ ରାଜ୍ୟସଭା ଆସନ ଖାଲି ପଡ଼ିଛି । ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଉପନିର୍ବାଚନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି । ରାଜ୍ୟସଭା ଆସନପାଇଁ ଆସନ୍ତା ୧୮ ତାରିଖରେ ଭୋଟ୍ ଗ୍ରହଣ ହେବ ।

***Cuttack/R***

## ଏସ୍.ଆଇ.ଆର୍.

କଟକ ସହରାଞ୍ଚଳରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ

ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ସମୀକ୍ଷା କରିଛନ୍ତି । ସହରାଞ୍ଚଳର ୫ଟି ଅଞ୍ଚଳରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କଦ୍ୱାରା ପରିଗଣନା ଫର୍ମ ବଣ୍ଟନ, ଯାଞ୍ଚ୍ ଓ ସଂଗ୍ରହ ଆଦି କାର୍ଯ୍ୟର ସମୀକ୍ଷା କରିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ତ୍ରୁଟିମୁକ୍ତ କାର୍ଯ୍ୟ ସମ୍ପାଦନ ନିମନ୍ତେ ପରାମର୍ଶ ଦେଇଛନ୍ତି ।

***Desk***

## ଶିଶୁ ସୁରକ୍ଷା – କ୍ୟାମ୍ପ୍‌କୋର୍ଟ

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ କୋରାପୁଟ ଜିଲ୍ଲା ଜୟପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କ୍ୟାମ୍ପ୍‌କୋର୍ଟ ଓ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆୟୋଗର ଅଧ୍ୟକ୍ଷା ବବିତା ପାତ୍ରଙ୍କ ଅଧ୍ୟକ୍ଷତାରେ ସଦସ୍ୟାମାନେ ବିଭିନ୍ନ ପ୍ରସଙ୍ଗରେ ଶୁଣାଣି କରିଥିଲେ । ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପଞ୍ଜିକୃତ ହୋଇଥିବା ଶିଶୁ ଅଧିକାର ସୁରକ୍ଷା, ଶିକ୍ଷା ଓ ଶିଶୁକଲ୍ୟାଣ ସମ୍ପର୍କିତ ଅଭିଯୋଗଗୁଡ଼ିକର ଆୟୋଗ ଶୁଣାଣି କରିବା ସହ ଆବଶ୍ୟକ ପଦକ୍ଷେପପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ।

***Desk***

## ଏନ୍.ସି.ଇ.ଆର୍.ଟି.

ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ – NCERT ପକ୍ଷରୁ ହେବାକୁ ଥିବା ସାଧାରଣ ପ୍ରବେଶିକା ପରୀକ୍ଷା CEE-2026 ନିମନ୍ତେ

ଆବେଦନ ସମୟସୀମା ଆସନ୍ତାକାଲି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । NCERTର ବିଭିନ୍ନ ରାଜ୍ୟରେ ଥିବା ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ପାଠ୍ୟକ୍ରମରେ ନାମଲେଖାପାଇଁ ପ୍ରବେଶିକ ପରୀକ୍ଷା ଅନୁଷ୍ଠିତ ହେବ । ଆବେଦନକାରୀମାନେ ଆସନ୍ତା ୮ ତାରିଖ ସୁଦ୍ଧା ସଂଶୋଧନ କରିବା ଲାଗି ସୁଯୋଗ ପାଇବେ ।

***Nayagarh/R***

## ଦୀନ ଦୟାଲ୍ କର୍ମଶାଳା

ପଣ୍ଡିତ ଦୀନ ଦୟାଲ୍ ଉପାଧ୍ୟାୟଙ୍କ 'ଏକାତ୍ମ ମାନବବାଦ ଦର୍ଶନ ଓ ରାଷ୍ଟ୍ର ପ୍ରଥମ' ଚିନ୍ତାଧାରା ଜନକଲ୍ୟାଣ ଦିଗରେ କାର୍ଯ୍ୟ କରିବାକୁ ପ୍ରେରଣା ପ୍ରଦାନ କରିଥାଏ ବୋଲି ଅତିଥିମାନେ କହିଛନ୍ତି । ନୟାଗଡ଼ ଜିଲ୍ଲା ସିଧାମୂଳା ପ୍ରାକୃତିକ ଶିବିର ପରିସରରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ପଣ୍ଡିତ ଦୀନ ଦୟାଲ୍ ଉପାଧ୍ୟାୟ ପ୍ରଶିକ୍ଷଣ କର୍ମଶାଳାକୁ ଉଦ୍‌ଘାଟନ କରି ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ' ସାଙ୍ଗଠନିକ ସୁଦୃଢ଼ୀକରଣ ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ସମବାୟ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ' ବିଚାରଧାରାଭିତ୍ତିକ ରାଜନୈତିକ କାର୍ଯ୍ୟଧାରା ଉପରେ ଗୁରୁତ୍ୱ ଦେଇଥିଲେ । ସରକାରୀ ଦଳର ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଏବଂ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ କର୍ମଶାଳାରେ ଯୋଗ ଦେଇଥିଲେ ।

*Nuapada/R*

## ସମବାୟ ସମିତି

ନୂଆପଡ଼ା ଜିଲ୍ଲାରେ ସମବାୟ ସମିତି ପରିଚାଳନା ନେଇ ୮ଟି ଜିଲ୍ଲାର ପ୍ରତିନିଧି ଦଳ ଅଭିଜ୍ଞତା ହାସଲ କରିଛନ୍ତି । ପ୍ରତିନିଧି ଦଳର ସଦସ୍ୟମାନେ ସମବାୟ ସମିତିର କାର୍ଯ୍ୟଧାରା ଏବଂ ସରକାରଙ୍କ କୃଷି କଲ୍ୟାଣ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଅବଗତ ହୋଇଥିବା ଜଣାପଡ଼ିଛି । ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ସହ ପ୍ରତିନିଧି ଦଳର ସଦସ୍ୟମାନେ ଆଲୋଚନା କରିଛନ୍ତି । ଜିଲ୍ଲାପାଳ' ପ୍ୟାକ୍ସଗୁଡ଼ିକୁ କେବଳ ପାରମ୍ପରିକ କାର୍ଯ୍ୟରେ ସୀମିତ ନ ରହି ଋଣ ବଣ୍ଟନ ଏବଂ ଶସ୍ୟ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ହେବାକୁ ଆହ୍ୱାନ ଦେଇଛନ୍ତି ।

*Nayagarh/R*

## କ୍ୟାରିୟର୍ ପରାମର୍ଶ କର୍ମଶାଳା

ନୟାଗଡ଼ ଜିଲ୍ଲାରେ ଆଶୀର୍ବାଦ ଏବଂ ଯଶୋଦା ଭଳି ଶିଶୁଯତ୍ନ କେନ୍ଦ୍ରରେ ରହି ଦଶମ ଏବଂ ଦ୍ୱାଦଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପିଲାମାନଙ୍କ ଲାଗି କ୍ୟାରିୟର୍ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ କର୍ମଶାଳାରେ ଯୋଗଦେଇଥିବା ଛାତ୍ରଛାତ୍ରୀମାନଙ୍କୁ

ବିଭିନ୍ନ ବିଷୟ ବିଶେଷଜ୍ଞମାନେ ଜୀବନର ଲକ୍ଷ୍ୟ ସ୍ଥିର କରି କିଭଳି ସଫଳତା ହାସଲ କରିବେ, ସେ ସମ୍ପର୍କରେ ଜ୍ଞାନ ପ୍ରଦାନ କରିଥିଲେ । ଜୀବନର ଲକ୍ଷ୍ୟ ସାଧନ କରିବାକୁ ହେଲେ ପ୍ରତ୍ୟେକ ଦିନ ଖବରକାଗଜ ପଢ଼ିବା ଲାଗି ଅତିଥିମାନେ ପରାମର୍ଶ ଦେଇଥିଲେ ।

***Nuapada/R***

## ରବିଧାନ ସଂଗ୍ରହ

ନୂଆପଡ଼ା ଜିଲ୍ଲାରେ ରବିଧାନ ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି । ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ୨୨ଟି ଧାନ ସଂଗ୍ରହ କେନ୍ଦ୍ରରେ ୨୩୮ ଜଣ ଚାଷୀଙ୍କଠାରୁ ୧୨ ହଜାର ୩୯୮ କୁଇଣ୍ଟାଲ୍‌ରୁ ଅଧିକ ଧାନ କ୍ରୟ କରାଯାଇଛି । ଜିଲ୍ଲାର ୨୪ଟି ପ୍ରାଥମିକ ସମବାୟ ସମିତି ଜରିଆରେ ୭୬୮ ଜଣଙ୍କ ଚାଷୀଙ୍କଠାରୁ ଅଣଚାଳିତ ହଜାର ୯୯୧ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି ।

***Met. O.***

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଆଜି କେରଳମ୍ ସ୍ପର୍ଶ କରିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ  ଖୁବ୍‌ଶୀଘ୍ର ମୌସୁମୀ ବାୟୁ  ଓଡ଼ିଶା ପ୍ରବେଶ

କରିବା ସହ ପାଗରେ ପରିବର୍ତ୍ତନ ହେବ । ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ଜିଲ୍ଲାଗୁଡ଼ିକରେ ସର୍ବାଧିକ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଆଗାମୀ ୨୪ ଘଣ୍ଟା ମଧ୍ୟରେ ଗରମ ଓ ଗୁଳୁଗୁଳି ନେଇ ୧୯ଟି ଜିଲ୍ଲା ଏବଂ କାଳବୈଶାଖୀ ଓ ଝଡ଼ବର୍ଷା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ କେରଳମ୍ ଛୁଇଁବା କରିବା ପରେ ପାଣିଭାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି :

***Voice (Mrutyunjay Mohapatra)*** :……

******